



# ନିଜର ସ୍ୱର୍ଗ ଗଢିବା ପାଇଁ ମୁକ୍ତ ଓ ଉଦ୍ୟମ ଶୂନ୍ୟ ଉପାୟ୍ – ଏକ ସନ୍ତାନ ପରିବାର

କ୍ଷୁଧା, ଜଳକଷ୍ଟ, ନିରକ୍ଷରତା, ଅଶିକ୍ଷା, କ୍ରମାଗତ ବୃଦ୍ଧି ପାଉଥିବା ହିଂସା ଆଂଚଳିକ ବିବାଦ, ଅଶାନ୍ତି, ପ୍ରତିଦ୍ୱନ୍ଦିତା, ପ୍ରଦୁଷଣ----------। ଏ ସମସ୍ତ ଅସଂଖ୍ୟ ସମସ୍ୟାର ମୂଳ କାରଣ ହେଲା ଜନସଂଖ୍ୟା ବୃଦ୍ଧି। ଜନସଂଖ୍ୟା ବୃଦ୍ଧିକୁ ରୋକିବା ଦାୟିତ୍ୱ କେବଳ କୌଣସି ସରକାରଙ୍କର ନୁହେଁ, ଦେଶର ପ୍ରତ୍ୟେକ ସଚେତନ ଦାୟିତ୍ୱ ସଂପନ୍ନ ନାଗରିକଙ୍କ ଏହା ପ୍ରାଥମିକ ଦାୟିତ୍ୱ ଅଟେ। ଯେ କୌଣସି ପରିବାରର ପ୍ରକୃତ ବଳ ହେଲା ଆର୍ଥିକ ସ୍ୱଛଳତା, ପରିବାରର ସଦସ୍ୟ ସଂଖ୍ୟା ନୁହେଁ।

ଏଠାରେ କେତେକ ଆଶ୍ଚର୍ଯ୍ୟ ଜନକ, ଅନେକ ସଚେତନତା ମୂଳକ ଉପାୟ୍ ନବ ବିବାହିତ ଦମ୍ପତି ମାନଙ୍କ ନିମନ୍ତେ ଉଲ୍ଲେଖ କରାଯାଉଛି ଯାହାକି ସେମାନଙ୍କ କଳ୍ପନାର ସ୍ୱର୍ଗ ଗଠନ ଓ କ୍ଷୁଦ୍ର ପରିବାର ସହ ସଂପୂର୍ଣ୍ଣ ମୁକ୍ତ ଭାବେ ପୃଥିବୀରେ ବାସ କରିବାରେ ସହାୟକ ହେବ। ତାହା ହେଲା 'ଏକ ସନ୍ତାନ ପରିବାର ବ୍ରତ ଗ୍ରହଣ ।

ସନ୍ତାନ ପାଇଁ ସୁବିଧା : – ଗୋଟିଏ ସନ୍ତାନ ହେଲେ ପିତାମାତା ନିଜର ମନଲାଖି ମଣିଷ କରିବାପାଇଁ ସର୍ବୋତ୍ତମ ସାଧନ ଯୋଗାଇ ଦେଇପାରିବେ। ଏତଦ୍ୱାରା ପିଲାଟିକୁ ବିପଥଗାମୀ ହେବାରୁ ନିବୃତ୍ତ କରାଯାଇ ପାରିବ: ଯେହେତୁ ପରିବାରର ସମସ୍ତ ସଦସ୍ୟଙ୍କ ଦୃଷ୍ଟି ତା ପ୍ରତି ନିବଦ୍ଧ ରହିବ। ପିତା କିମ୍ବା ମାତାଙ୍କର ଅସମୟରେ ମୃତ୍ୟୁ ଘଟିଲେ ବଞ୍ଚି ଥିବା ମାତା କିମ୍ବା ପିତା ପିଲାଟିର ସମସ୍ତ ଭାର ନେଇ ପାରିବେ। ପିତାମାତାଙ୍କର ଅସମୟରେ ମୃତ୍ୟୁ ଘଟିଲେ କୌଣସି ନିକଟ ସଂପର୍କୀୟ ଏହି ଏକ ମାତ୍ର ପିଲାଟିର ଯତ ନେଇ ପାରିବେ। ଚାକିରୀ ଓ ପାଠପଢା କ୍ଷେତ୍ରରେ ସ୍ଥାନ ସଂରକ୍ଷଣର ଆବଶ୍ୟକତା ରହିବ ନାହିଁ, ଯେହେତୁ ଜନ ସଂଖ୍ୟା କମ ହେତୁ ପ୍ରତ୍ୟେକଙ୍କୁ ଯଥେଷ୍ଟ ସୁଯୋଗ ମିଳିବ। ବେକାରୀ ସମସ୍ୟା ରହିବ ନାହିଁ। ଯଦି ପିଲାଟିକୁ ଚାକିରୀ ନମିଳେ ତେବେ ସେ ତା' ପିତାମାତା କିମ୍ବା ସଂପର୍କୀୟଙ୍କ ବୃତ୍ତିର ଦେଖାଶୁଣା କରିପାରିବ। ବିବାହ ବୟସ ହେଲେ ଏକମାତ୍ର ସନ୍ତାନ ନିମନ୍ତେ ଉତ୍ତମରୁ ଉତ୍ତମ ପ୍ରସ୍ତାବମାନ ଆସିବ ଓ ନିଜ ଇଛା ମୁତାବକ ସେଥିମଧ୍ୟରୁ ପସନ୍ଦ କରିହେବ। ଶିଶୁ ମୃତୁହାର ଆଶାତୀତ ଭାବେ କମିଥାଏ, ଯେହେତୁ ତା'ପ୍ରତି ଆବଶ୍ୟକ ସେବା ଓ ନିରାପତ୍ତା ମିଳିଥାଏ। କମ କାର୍ଯ୍ୟକ୍ଷମ ଶିଶୁଟିଏ ପ୍ରତି ପିତାମାତାଙ୍କ ଅବହେଳାର ସଁଭାବନା ରହେନାହିଁ।

ପିତା ମାତାଙ୍କ ପାଇଁ ସୁବିଧା: ବୃଦ୍ଧାବସ୍ଥାରେ ପିତାମାତାଙ୍କୁ ନିରାପଦ ସେବା ଓ ସହଯୋଗ ମିଳିଥାଏ ଯେହେତୁ ଏକ ମାତ୍ର ସନ୍ତାନ ପୁତ୍ର ଏହାକୁ ତାର ସଂପୂର୍ନ୍ନ ଦାୟିତ୍ୱ ବୋଲି ମନେ କରିଥାଏ। ବୃଦ୍ଧା ବସ୍ଥାରେ ଜୀବନ ଧାରଣର ମାନ ଉନ୍ନତ ରହିବ । କୌଣସି ପରିସ୍ଥିତିରେ ମଧ୍ୟ ସ୍ୱାମୀ–ସ୍ତ୍ରୀ ବିବାହ ବିଛେଦ ଚାହୁଁ ଥିଲେ, ଏକମାତ୍ର ସନ୍ତାନ ପ୍ରତି ସ୍ନେହ କାରଣରୁ ସେମାନଙ୍କୁ ଏଥିରୁ ନିବୃତ୍ତ ରହିବା ପାଇଁ ହୋଇଥାଏ ଓ ଏକ ଶକ୍ତ ପରିବାର ଗଠନରେ ସହାୟକ ହୋଇଥାଏ। ଏପରିକି ବିବାହ ବିଛେକ ଘଟିଥିବା ସ୍ୱାମୀ–ସ୍ତ୍ରୀଙ୍କୁ ପୁଣି ଯୋଡିବାରେ ଏକ ସନ୍ତାନ ବିଶେଷଭାବେ ସହାୟକ ହୋଇଥାଏ।

ପିତାଙ୍କ ପାଇଁ ସୁବିଧା : – ଆପଣ ପରିବାରର ଆଶା ଆକାଂକ୍ଷା ଅବଶ୍ୟ ପୂରଣ କରିପାରିବେ। ଆପଣ ପାରିବାରିକ ଜଞ୍ଜାଳରୁ ଶୀଘ୍ରମୁକ୍ତି ପାଇପାରିବେ ଓ ଅବସର ସମୟତକ ମହତ ସାମାଜିକ ସେବାରେ ନିୟୋଜିତ କରିପାରିବେ।

ମାତାଙ୍କ ପାଇଁ ସୁବିଧା : – ଗୃହିଣୀଙ୍କ ନିମନ୍ତେ କମ ଘରୋଇ କାମ ପଡିଥାଏ। ମା'ମାନେ ଖୁବଶୀଘ୍ର ନିବୃତ୍ତି ପାଇ ନିଜପାଇଁ ଆର୍ଥିକ ସ୍ୱଛଳତା ନିମନ୍ତେ ଅନ୍ୟ କୌଣସି ବୃତ୍ତି ଗ୍ରହଣ କରିପାରନ୍ତି ଓ ପରିବାର ନିମନ୍ତେ ଅଧିକ ଅର୍ଥ ରୋଜଗାର କରିଥାନ୍ତି। ଏକ ସନ୍ତାନ ଚିନ୍ତାଧାରା ଦ୍ୱାରା ଝିଅଙ୍କ ପାଇଁ ସମାନ ସମ୍ପତ୍ତିଗତ ଅଧିକାର ଆପେ ଆପେ ମିଳି ଯାଇଥାଏ। ମହିଳା ମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଏକମାତ୍ର ଗର୍ଭଧାରଣ ଯୋଗୁଁ ଉତ୍ତମ ରୁହେ। ମହିଳା ମାନଙ୍କୁ ଏକଧିକ ଗର୍ଭ ଯନ୍ତ୍ରଣା ଭୋଗ କରିବାକୁ ପଡିନଥାଏ। ଗର୍ଭାବସ୍ଥାରେ ମାତୃ ମୃତ୍ୟୁହାର ଯଥେଷ୍ଟ ପରିମାଣରେ କମିଯାଇଥାଏ। ଯେହେତୁ ଗର୍ଭବତୀ ମହିଳାଙ୍କୁ ଯଥେଷ୍ଟ ସ୍ନେହ, ସେବା ଓ ନିରାପତ୍ତା ମିଳିଥାଏ।

ପରିବାର ପାଇଁ ସୁବିଧା :– ଆପଣଙ୍କ ପରିବାର କ୍ଷୁଧା ଯନ୍ତ୍ରଣା ଭୋଗିବ ନାହିଁ। ଆପଣଙ୍କ ବଂଶରେ କେହି ଅଶିକ୍ଷିତ ରହିବେ ନାହିଁ। ଅତ୍ୟନ୍ତ ଜଳକଷ୍ଟ ସମୟରେ ମଧ୍ୟ ଆପଣ କମ ଜଳ ଅଭାବ ଭୋଗିବେ। ପରିବାର ସଦସ୍ୟମାନେ ସର୍ବାଧିକ ଏକାନ୍ତତା, ନିରବତା ଓ ଅବସର ପାଇବେ। ସମସ୍ତ ପରିବାର ସଦସ୍ୟମାନେ ସେମାନଙ୍କ ସ୍ୱପ୍ନର ଶାନ୍ତ ସୁଖପୂର୍ଣ୍ଣ ଜୀବନ ବିତାଇ ଥାଆନ୍ତି। ପିତାମାତାମାନେ ଶୀଘ୍ର ସାଂସାରିକ ଜଞ୍ଜାଳରୁ ମୁକ୍ତି ପାଇ ଥାଆନ୍ତି। ପରିବାର ମଧ୍ୟରେ ବିଶେଷ ଚିନ୍ତା ରହିବ ନାହିଁ, ଏହି ହେତୁ ପରିବାର ସଦସ୍ୟ ମାନେ ଶାନ୍ତିମୟ ଓ ଦୀର୍ଘ ଜୀବନ ବିତାଇବେ। ଏକ ସନ୍ତାନ ପରିବାର ମଧୁରମୟ ପରିବାର ଅଟେ ଏବଂ ସେଠାରେ ଖୁବ କମ ପରିବାରିକ କଳହ ଥାଏ। ଏତଦ୍ୱାରା ମାନସିକ ଚାପ, ବ୍ୟସ୍ତତା, ଜଞ୍ଜାଳରୁ ମୁକ୍ତି ମିଳିଥାଏ। ଏକ ସନ୍ତାନ ପରିବାର ସମାଜରେ ସମ୍ମାନ ଜନକ ସ୍ଥାନ ହାସଲ କରିଥାଏ। କୌଣସି ଅଘଟଣ ପିତାମାତାଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ଘଟିଲେ ଅନ୍ୟ ଜଣଙ୍କର ପୁନଃ ବିବାହ ସୁବିଧାଜନକ ହୋଇଥାଏ। ଏପରିକି ପିତାମାତା ଉଭୟଙ୍କ ମୃତ୍ୟୁ ଘଟିଲେ ମଧ୍ୟ ପିଲାଟିର ଯତ୍ନନେବା ପାଇଁ ନିକଟ ସଂପର୍କୀୟ ମାନେ ଆଗେଇ ଆସିଥାନ୍ତି। ଯୌତୁକ ଜନିତ ସମସ୍ୟା ଯଥା ବିବାହ, ନିର୍ଯ୍ୟାତନା, ବିବାହ ବିଛେଦ, ମୃତ୍ୟୁ ବହୁ ପରିମାଣରେ କମିଯାଏଥାଏ। ଶାଶୁ–ବୋହୁ କଳି ଆପେ ଆପେ ନିଷ୍ଚିହ୍ନ ହୋଇଯାଏ।

ପ୍ରତ୍ୟେକ ମଣିଷ ଏକ ସୁଖ ପୂର୍ଣ୍ଣ ଓ ଆର୍ଥିକ ସ୍ୱଛଳ ଯୌଥ ପରିବାରରେ ବାସ କରିବାର ଇଛା ରଖିଥାଏ। ବହୁତ ପରିବାରରେ ଏହା ମିଳିନଥାଏ। ମାତ୍ର ଏକ ସନ୍ତାନ ଥିବା ଯୌଥ ପରିବାରରେ ଏ ଉଭୟ ପ୍ରାପ୍ତ ହୋଇ ଥାଏ, ଯେହେତୁ ଏକୁଟିଆ ଛୁଆଟି ବାପା ମାଙ୍କ ସ୍ନେହଶ୍ରଦ୍ଧା ଆବଶ୍ୟକ କରିଥାଏ। ତୁଳନାତ୍ମକ ଭାବେ ବିଚାର କଲେ ଜୀବନରେ କମ ଦାୟିତ୍ୱ ଆସିଥାଏ ଓ ତାହା ଅନାୟାସରେ ପୂରଣ ହୋଇପାରିଥାଏ। କେବଳ ଯେଉଁଠି ଶାରିରୀକ ବଳ ଆବଶ୍ୟକ ପଡେ, ତାକୁ ବାଦ ଦେଲେ ଅନ୍ୟ ସମସ୍ତ କ୍ଷେତ୍ରରେ ଏକ ସନ୍ତାନ ପରିବାର ସମସ୍ତ ସୁବିଧା ସୁଯୋଗ ପାଇବାରେ ଅଗ୍ରଭାଗରେ ଥାଏ।

ବାସସ୍ଥଳୀର ସୁବିଧା : – ଏକ ସନ୍ତାନ ପରିବାରର ବାସସ୍ଥଳୀ ନିମନ୍ତେ କମସ୍ଥାନ ଆବଶ୍ୟକ ପଡିଥାଏ। ଯେହେତୁ ବାସ ଗୃହ ନିର୍ମାଣ ପାଇଁ କମ ଖର୍ଚ୍ଚ ଆବଶ୍ୟକ ପଡେ, ଆପଣ ଶୀଘ୍ର ଏହି ଯୋଜନା ଗ୍ରହଣ କରିପାରିବେ। ଆପଣଙ୍କୁ ଅଧିକ ଏକ ବାସଗୃହ ନିର୍ମାଣର ଆବଶ୍ୟକତା ରହିବନାହି, ଯେହେତୁ ଏକସନ୍ତାନ ପାଇଁ ଗୋଟିଏ ଘର ଯଥେଷ୍ଟ।

ସମ୍ପତ୍ତିଗତ ସୁବିଧା : – ଆପଣଙ୍କୁ ସମ୍ପତ୍ତି ଇଚ୍ଛାପତ୍ର ଲେଖିବାକୁ ପଡିବନାହିଁ । କୌଣସି ଉତ୍ତରାଧିକାରୀ ଚୟନ କରିବାର ଆବଶ୍ୟକତା ରହିବ ନାହିଁ । ଯୁଗ୍ମ ଭାବେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ନିମନ୍ତେ ଅଥବା ଯୁଗ୍ମଭାବେ ପୁଞ୍ଜିନିବେଶ କ୍ଷେତ୍ରରେ ଯଦି ବି କୌଣସି ପରିସ୍ଥିତିରେ ଜଣଙ୍କର ମୃତ୍ୟୁ ଘଟେ ଅନ୍ୟ ମାନଙ୍କୁ ଆଇନର ଫନ୍ଦି ଫିକର ମଧ୍ୟରେ ଘାଣ୍ଟି ହେବାକୁ ପଡି ନଥାଏ, ସେହି ସମ୍ପତ୍ତିର ମାଲିକାନା ପାଇବା ପାଇଁ । ସମସ୍ତ ସ୍ଥାବର ସମ୍ପତ୍ତିକୁ ବାପା – ମା–ଛୁଆ ତିନିଜଣଙ୍କ ନାମରେ ସହଜରେ ପଞ୍ଜିକରଣ କରାଯାଇପାରେ । ଭବିଷ୍ୟତର ଅସୁବିଧା ଦୂର ନିମନ୍ତେ । ଏକ ସନ୍ତାନ ପରିବାରର ସମ୍ପତ୍ତି ଆପେ ଆପେ ବଂଶାନୁକ୍ରମିକରେ ବଢି ବଢି ଚାଲିଥାଏ ।

ସାମାଜିକ ଉପକାରିତା : – ଜନସଂଖ୍ୟା ବିସ୍ଫୋରଣକୁ ରୋକାଯାଇ ପାରିଲେ ପରିବେଶ ପ୍ରଦୂଷଣ ମଧ୍ୟ ସେହି ଅନୁପାତରେ କମିଯାଏ ଓ ମୁକ୍ତ ବାୟୁ ସହ ଆମେ ଦୀର୍ଘଜୀବି ହୋଇପାରିବା । ଭିନ୍ନକ୍ଷମ ଛୁଆ (ବିକଳାଙ୍ଗ) ଜନ୍ମ ହେବା କମ ସଂଭାବନା ଥାଏ । ମାତୃସ୍ତନ୍ୟପାନ ପାଇ ଛୁଆଟି ଶାରିରୀକ, ମାନସିକ ଓ ଚେତନାତ୍ମକ ଭାବେ ସୁସ୍ଥ ରହିପାରିବ ଯେହେତୁ ଏକ ସନ୍ତାନ ଚିନ୍ତାଧାରାରେ ଛୁଆଟିକୁ ସ୍ତନ୍ୟପାନ ପାଇଁ ପ୍ରେରଣା ଯୋଗାଇ ଥାଏ । ମାନବତ୍ୱର ମୂଲ୍ୟ ବୃଦ୍ଧି ସହ ଅପରାଧ ହାର ହ୍ରାସ ପାଇଥାଏ । ଦ୍ରୁତ ଭାବେ ହ୍ରାସ ପାଉଥିବା ମହିଳା ଜନ୍ମର ଅନୁପାତରେ ବୃଦ୍ଧି ଘଟିବା । ସର୍ବ ଶିକ୍ଷାର ବୃଦ୍ଧି ସହ ମେଧାବୀ, ସୃଜନଶୀଳ, ବିଜ୍ଞାନୀ ସମାଜର ଅଭ୍ୟୁଦୟ ଘଟିଥାଏ । ବିଶ୍ୱଜନ କଲ୍ୟାଣକାରୀ କାର୍ଯ୍ୟ କଳାପର ବୃଦ୍ଧି ଘଟିବା । ଶିଶୁ ଶ୍ରମିକ, ବାଲ୍ୟ ବିବାହ, ଭିକ୍ଷାବୃତ୍ତି ଭଳି ଅନେକ ସାମାଜିକ ସମସ୍ୟା ଆଉ ରହିବ ନାହଁ । ଏହା କ୍ଷୁଧା, ଗରିବୀ, ଲାଞ୍ଛନା, କଳଙ୍କ ଆଦି ବୃହତ ପରିବାରର ସମସ୍ୟା ସମସ୍ତର ମୂଳୋତ୍ପାଟନ କରିବା । ଗରିବୀ ଓ କ୍ଷୁଧା ହେତୁ ଘଟୁଥିବା ଦୈହିକ ବ୍ୟାପାର ଓ ବେଶ୍ୟା ବୃତ୍ତି ଆଶାତୀତ ଭାବେ ହ୍ରାସ ପାଇବା ।

ସ୍ୱାସ୍ଥ୍ୟ ଓ ସୁଖର ସୁବିଧା: – କ୍ଷୁଦ୍ର ପରିବାର ସୁସ୍ଥ ପରିବାରର ସୁଖ ଲାଭ କରିଥାଏ, ଯେହେତୁ ପିତାମାତାଙ୍କଠାରୁ ସଂକ୍ରମିତ ରୋଗ ଦ୍ୱାରା ଆକ୍ରାନ୍ତ ହେବାର କମ ଭୟ ଥାଏ । ଖୁବ୍ କମ୍ ସମୟ ମଧ୍ୟରେ ସର୍ବାଧିକ ବଣଭୋଜି ଓ ଭ୍ରମଣରେ ଯିବାର ସୁବିଧା ଯୋଗାଡ କରାଯାଇପାରେ । କମ୍ ଖର୍ଚ୍ଚ ହେତୁ ଅଧିକ ବଣଭୋଜି ଓ ଭ୍ରମଣରେ ଯାଇ ପାରନ୍ତି ।

ଅର୍ଥନୀତିକ ସୁବିଧା: – ଏକ ସନ୍ତାନ ପରିବାର ଆର୍ଥିକ ଦୃଷ୍ଟିରୁ ସର୍ବାଧିକ ଲାଭବାନ ହୋଇଥାନ୍ତି । ଆପଣଙ୍କୁ କମ୍ ଖର୍ଚ୍ଚ କରିବାକୁ ପଡିଥାଏ ଏବଂ ଅଧିକ ସଂଚୟ ହୋଇଥାଏ । ଆପଣ ପରିବାରରେ ସର୍ବଦା ସ୍ନେହ ଓ ମମତା ବିରାଜମାନ କରେ । ତୁଳନାତ୍ମକ ଭାବେ ଆପଣଙ୍କ ଯାତାୟତ ଓ ଯୋଗା ଯୋଗ କ୍ଷେତ୍ରରେ କମ୍ ଖର୍ଚ୍ଚ କରିବାକୁ ପଡିଥାଏ । ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କ ନାମରେ ଅଧିକା ଟଙ୍କାର ବୀମା ପଲିସୀ କରାଯାଇଥାଏ ଏବଂ କୌଣସି ଅଘଟଣରେ ତାଙ୍କର ମୃତ୍ୟୁ ଘଟେ ତେବେ ଯେଉଁ ବୀମା ରାଶି ତାଙ୍କ ଅନ୍ତେ ତାଙ୍କ ପରିବାରକୁ ମିଳିବ, ସେଥିରେ ଅବଶିଷ୍ଟ ୨ ଜଣଙ୍କ ଜୀବନ ସୁରକ୍ଷିତ ରହିପାରିବ ।

ଦେଶପାଇଁ ମଙ୍ଗଳ: – ଆଞ୍ଚଳିକ ବୈଷମ୍ୟ ନେଇ ଦେଖା ଦେଉଥିବା ହିଂସା ହ୍ରାସ ପାଇବ । ଅନୁନ୍ନତ ଦେଶମାନଙ୍କୁ ଉନ୍ନତ ଦେଶରେ ପରିଣତ କରିଥାଏ । ସରକାରଙ୍କୁ ପରିବାର କଲ୍ୟାଣ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚର ଆବଶ୍ୟକତା ରହିବ ନାହିଁ । ଶିକ୍ଷା, ସ୍ୱାସ୍ଥ୍ୟ ଓ ଅପରାଧ ନିୟନ୍ତ୍ରଣ ନିମନ୍ତେ ଅତ୍ୟଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ନାହିଁ ।

ବିଶ୍ୱ ପାଇଁ କଲ୍ୟାଣ : – ସର୍ବାଧିକ କମ୍ ବୋଝ ଓ କମ୍ ସମସ୍ୟା ସହିତ ଏକ ସନ୍ତାନଯୁକ୍ତ ମଧୁମୟ ପରିବାର ବିଶ୍ୱର ଜନ ବିସ୍ଫୋରଣକୁ ପ୍ରତିହତ କରିବାରେ ମହାନ ଯୋଗଦାନ ଦେବାସହ ବିଶ୍ୱଶାନ୍ତି ପ୍ରତିଷ୍ଠାର ପଥ ସୁଗମ କରିଥାଏ ।

| ଶ୍ରୀ ମିଶନର ଲକ୍ଷ୍ୟ | ସେଗୁଡିକର ଫଳପ୍ରସୂ ଉପକାରିତା |
|---|---|
| କ୍ଷୁଦ୍ର ପରିବାର ପ୍ରତିଷ୍ଠା : – | ଆପଣଙ୍କ କଳ୍ପନାନୀତ ସ୍ୱର୍ଗୀୟମୁକ୍ତିର ପଥ ଗଠନ କରିଥାଏ |
| କ୍ଷୁଧା ମୂଳୋତ୍ପାଟନ : – | ଖର୍ଚ୍ଚକାଟ କରେ ଓ ସ୍ୱାସ୍ଥ୍ୟରେ ଉନ୍ନତି ଆଣେ |
| ନିରକ୍ଷରତା ଦୂରୀକରଣ :– | ଜୀବନର ଲକ୍ଷ୍ୟ ନିର୍ଦ୍ଦେଶ କରେ |
| ଯୋଗା ଭ୍ୟାସ : – | ମନ ଉପରେ ଲଗାମ ଦିଏ |
| ବଦଭ୍ୟାସ ଦୂରୀକରଣ : – | ଜୀବନର ବିପର୍ଯ୍ୟୟ ଦୂର କରେ |
| ସାଧାରଣ ଜୀବନ ଯାପନ : – | ମହତ୍ତ୍ୱପୂର୍ଣ୍ଣ ଜୀବନର ମୂଳମନ୍ତ୍ର |
| ଦୁର୍ବିପାକ ବିରୋଧରେ ଲଢାଇ : – | ବିପଦ ମୁଖରୁ ବହୁମୂଲ୍ୟ ଧନ ଜୀବନ ରକ୍ଷା ହୁଏ |
| ଆତ୍ମ ଶୃଙ୍ଖଳତା : – | ଜୀବନର ଗତି ପଥ ବଦଳାଇ ଦିଏ |
| ଯୁଦ୍ଧ ଦୂରୀକରଣ : – | ବିଶ୍ୱକୁ ଏକତା ସୂତ୍ରରେ ବାନ୍ଧେ |
| ଅହିଂସା ଆଚରଣ : – | ବିଶ୍ୱଶାନ୍ତି ଓ ବିଶ୍ୱଭ୍ରାତୃତ୍ୱ ବଢାଏ |

ସାବଧାନ : – ଏକ ସନ୍ତାନ ପରିବାର ସାମୂହିକ ପ୍ରଗତି ଓ ମୁକ୍ତ ଆକାଶ ଗଠନରେ ସହାୟକ ହୋଇଥାଏ । ସମସ୍ତଙ୍କ ନିମନ୍ତେ, ବିଶେଷ କରି ଗରିବଙ୍କ ପାଇଁ ଏହା ଏକ ଆଶିର୍ବାଦ । ୨ ଟି ସନ୍ତାନ ପରିବାର ସ୍ଥିତାବସ୍ଥା ବଜାୟ ରଖେ (ୱେବ୍ ସାଇଟ୍ ଦେଖନ୍ତୁ, ଏକ ସନ୍ତାନ ପରିବାର ପାଇଁ ସତର୍କତା ମୂଳକ ବ୍ୟବସ୍ଥା ତଥା କେତେବେଳେ ଜଣେ ୨ୟ ସନ୍ତାନ ପାଇଁ ମନ ବଳାଇବ) । ୨ଟି ସନ୍ତାନରୁ ଅଧିକ ପରିବାର ସ୍ୱେଚ୍ଛାକୃତ ଭାବେ ସମସ୍ୟାଯୁକ୍ତ ପରିବାରକୁ ଆମନ୍ତ୍ରଣ କରିଥାଏ । ବର୍ତ୍ତମାନ ଆପଣ ନିଜେ ବିଜ୍ଞତାର ସହିତ ବିଚାର କରନ୍ତୁ । ଆପଣଙ୍କ ପରିବାରରେ କେତୋଟି ସନ୍ତାନ ରହିବା ଉଚିତ୍ ?

FOUNDER: -SRI K.K.MURTY, CHAIRPERSON: -SMT. K.PRAMEELA,
To know SRI MISSION in details, visit our Web Site www.srimission.org, E. Mail ID: srimission@vsnl.net or contact SRI MISSION, 1097. 7th Block, HMT Layout, Vidyaranyapura, Bangalore - 560 097, Phone No- 91-80-23641839